

ଓମାନ୍‌ର ସୁଲତାନ ଓ ଏହାର ନାଗରିକଙ୍କ ସମର୍ଥନ, ଶୁଭେଚ୍ଛା ଏବଂ ଭଲ ପାଇବାକୁ ଦେଖି ମୁଁ ଆନନ୍ଦିତ ଓ କୃତଜ୍ଞ। ଆଗକୁ ଏହି ସମ୍ପର୍କ ନିରନ୍ତର ରହିବ ବୋଲି ଆଶା।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ @narendramodi

**ତ୍ରିମତ** | ଅଣ୍ଡା ଫିଙ୍ଗାଳିଙ୍କୁ ଜେଲ୍ ଓ ମାମଲା ପ୍ରତ୍ୟାହାର

# ସବୁ ଅଣ୍ଡାମାଡ଼ ଘଟଣା ସମାନ ନୁହେଁ କି

**ଭୋଗରାଇରେ ମୁଖ୍ୟମନ୍ତ୍ରୀଙ୍କ ସଭା ମଞ୍ଚକୁ ଜଣେ ମହିଳାଙ୍କ ଅଣ୍ଡାମାଡ଼ ଓ ତା' ପରବର୍ତ୍ତୀ ସମୟରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ରାଜ୍ୟର ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ଚାଲିଛି। ଯଦିଓ ଏହା ଏକ ରାଜନୀତିକ ଅଘଟଣ ତାହାକୁ ପୁଲିସ ମାନିବାକୁ ନାରାଜ। ବରଂ ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଅଣ୍ଡାମାଡ଼ ଏକ ସଙ୍ଗିନ ଘଟଣା ଭାବରେ ପୁଲିସ ବିବେଚନା କରିଛି ଯେମିତି ଚାଷୀ ସଂଗଠନ ଏବଂ ଛାତ୍ର କଂଗ୍ରେସର ନେତାଙ୍କୁ ଅଭିଯୁକ୍ତ କରାଯାଇଥିଲା। ଏବେ ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଅଣ୍ଡା ଫିଙ୍ଗିଥିବା ମହିଳାଙ୍କ ଉପରୁ ମାମଲା ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କେହି କେହି ଏହାକୁ ମୁଖ୍ୟମନ୍ତ୍ରୀଙ୍କ ବଦାନ୍ୟତା ବୋଲି ମଧ୍ୟ ଚିତ୍ରଣ କରିବାକୁ ଭୁଲି ନାହାନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି ଆଇନ କ'ଣ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଅଲଗା କି ? ରାଷ୍ଟ୍ର ପ୍ରଥମେ ଜଣେ ଅଭିଯୁକ୍ତଙ୍କ ଉପରେ ସଙ୍ଗିନ ଅଭିଯୋଗ ଲଗାଇ ତାଙ୍କୁ ଜେଲ୍ ପଠାଇବା ପରେ ତାଙ୍କ ଉପରୁ ମାମଲା ପ୍ରତ୍ୟାହାର କରିବା କେତେ ଯୁକ୍ତିଯୁକ୍ତ ? ପୁଣି ମାମଲା ଲଗାଇଥିବା ପୁଲିସ ଅଧିକାରୀଙ୍କ ବିରୋଧରେ ଏନେଇ କାର୍ଯ୍ୟାନୁଷ୍ଠାନ ଉଚିତ ନୁହେଁ କି ? ଅପରପକ୍ଷେ ଯଦି ମହିଳାଙ୍କୁ ମାମଲାମୁକ୍ତ କରାଯାଉଛି ତେବେ ସମାନ ଅଭିଯୋଗ ଥିବା ଅନ୍ୟମାନଙ୍କ କ୍ଷେତ୍ରରେ ତାହା କାହିଁକି ପ୍ରଯୁଜ୍ୟ ହେବ ନାହିଁ।**

## ମୁଖ୍ୟମନ୍ତ୍ରୀ ଆଇନ୍‌ର ଉର୍ଦ୍ଧ୍ୱରେ ନୁହନ୍ତି



**ପୀତାମ୍ବର ଆଚାର୍ଯ୍ୟ**
ଆଇନଜୀବୀ ତଥା ବିଜେପି ନେତା

ଆଇନ ଆଖିରେ ମୁଖ୍ୟମନ୍ତ୍ରୀ ଜଣେ ସାଧାରଣ ନାଗରିକ। ତାଙ୍କ ଉପରେ ଆକ୍ରମଣ ଓ ଅନ୍ୟ କୌଣସି ବ୍ୟକ୍ତି ଉପରେ ଆକ୍ରମଣ ଭିତରେ କିଛି ଫରକ ନାହିଁ। ସମାନ ଆଇନ ଅନୁସାରେ ତାହାର ବିଚାର କରାଯିବ। ଏଠାରେ ଯଦି ମୁଖ୍ୟମନ୍ତ୍ରୀଙ୍କ ଉପରେ ଆକ୍ରମଣ କରିଛି ବୋଲି ଜଣେ ମହିଳା ଅଣ୍ଡା ଫିଙ୍ଗାଳିଙ୍କୁ ଅଭିଯୁକ୍ତ କରାଗଲା ଏବଂ ତାଙ୍କୁ ଜେଲ୍ ପଠାଗଲା, ତେବେ ତାହା ଅନ୍ୟ ସମାନ ଘଟଣାକ୍ଷେତ୍ରରେ ମଧ୍ୟ ସମାନ ପ୍ରତିଫଳନ ହେବା କଥା। ଅପରପକ୍ଷେ ରାଷ୍ଟ୍ର ଯଦି ଜଣେ ଅଭିଯୁକ୍ତ ଉପରେ ଲାଗିଥିବା ମାମଲାକୁ ପ୍ରତ୍ୟାହାର ପାଇଁ କହୁଛି ତେବେ ତାହା କାହିଁକି ତାହାର କାରଣ କୋର୍ଟଙ୍କୁ ଜଣାଇବା ଦରକାର। ପୁଣି ଏ କ୍ଷେତ୍ରରେ ଜଣେ ମହିଳାଙ୍କୁ ଅଭିଯୁକ୍ତ କରି ତାଙ୍କର ବ୍ୟକ୍ତି ସ୍ୱାଧୀନତା ଓ ବଞ୍ଚିବାର ଅଧିକାର ଉପରେ ଆଘାତ କରାଯାଇଛି। ଏଣୁ ତାଙ୍କୁ ଏ ବାବଦରେ ରାଷ୍ଟ୍ର କ୍ଷତିପୂରଣ ଦେବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ତାହା କହନ୍ତୁ ଯେ 'ପୁଲିସ ଦ୍ୱାରା ଭୁଲ ହୋଇଛି'।

ପୁଣି କେବଳ ଏକ ନିର୍ଦ୍ଦିଷ୍ଟ ମାମଲାରେ କାହିଁକି ମାମଲା ପ୍ରତ୍ୟାହାର ହେବ ? ଏହା ଅନ୍ୟ ସମାନ ମାମଲାରେ ମଧ୍ୟ ପ୍ରୟୋଗ ହେବା ଆବଶ୍ୟକ। ଅନେକ ସମୟରେ ସରକାରଙ୍କ ପକ୍ଷରୁ ବିକ୍ଷୋଭକାରୀ ବିଜେପି କର୍ମୀମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏବେ ପ୍ରଶାସନିକ ଅଧିକାରୀ ପାଣ୍ଡିଆନ୍‌ଙ୍କ ଘରେ ଗୋବର ଫିଙ୍ଗା ଘଟଣାକୁ ନେଇ ମଧ୍ୟ ଅନେକ ସଙ୍ଗିନ ମାମଲା ରୁଜୁ କରାଯାଇଛି। ଏହା ମଧ୍ୟ ପ୍ରତ୍ୟାହାର ହେବା ଉଚିତ। ସରକାର ମନେରଖିବା ଉଚିତ ଯେ, ରାଷ୍ଟ୍ର କାହାକୁ ଦୟା କରୁନାହିଁ। ଏଣୁ କେଉଁ ପରିସ୍ଥିତିରେ ଓ କାହିଁକି ସମ୍ପୃକ୍ତ ମହିଳାଙ୍କୁ ଜେଲ୍ ପଠାଗଲା, ତାଙ୍କୁ ଶାରୀରିକ ଆକ୍ରମଣ କରାଗଲା ତାହାର ଜବାବ ଦେବା ଆବଶ୍ୟକ। ପୁଣି ମାମଲା ପ୍ରତ୍ୟାହାର କାହିଁକି ହେବ ସେ ସମ୍ପର୍କରେ ଯୁକ୍ତି ସମ୍ପନ୍ନ ଓ ଯଥାର୍ଥ କାରଣ ମଧ୍ୟ ଉପସ୍ଥାପନ କରିବା ଦରକାର। ମୁଖ୍ୟମନ୍ତ୍ରୀଙ୍କୁ ଅଣ୍ଡାମାଡ଼ ଓ ଅନ୍ୟ କାହାକୁ ଅଣ୍ଡାମାଡ଼ରେ କିଛି ଫରକ୍ ନାହିଁ। ଏ ମାମଲାକୁ ଅଲଗା ଅଲଗା ବୋଲି ବିଚାର କରାଯାଇ ନପାରେ।

## ରାଜ୍ୟରେ 'ଅନ୍ଧା କାନୁନ୍' ଚାଲିଛି



**ମହମ୍ମଦ ମୋକିମ୍**
କଂଗ୍ରେସ ନେତା

ଓଡ଼ିଶା ସରକାର 'ଅନ୍ଧା କାନୁନ' ଚଳାଇଛନ୍ତି। ଆପଣ ଅମିତାଭ ବଚ୍ଚନଙ୍କ ଅଭିନୀତ ଅନ୍ଧା କାନୁନ ଦେଖିଥିବେ। ଠିକ୍ ସେହି ଅନୁସାରେ ଏହି ସରକାର ବ୍ୟବହାର କରୁଛନ୍ତି। ଏଠି ଆଇନ, ନୀତି ନିୟମ ଏବଂ ଜନଗଣଙ୍କ ସ୍ୱର ବୋଲି କିଛି ରହୁ ନାହିଁ। ଯେତେବେଳେ ଯାହା ଚାହୁଁଛନ୍ତି ତାହା କରୁଛନ୍ତି। କିନ୍ତୁ ଏହି ଆଚରଣ ଯୋଗୁ ଲୋକମାନେ ତାତିଲେଣି। ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି, ତାହା ଭିତରେ ଅଣ୍ଡାମାଡ଼ ଏକ ମାଧ୍ୟମ ମାତ୍ର। ଭାରତବର୍ଷରେ ଏମିତି ଅନେକ ବିକ୍ଷୋଭ ହୋଇଛି। ସ୍ୱାଧୀନତା ପୂର୍ବରୁ ଓ ପରେ ଏସବୁ ଲୋକଙ୍କ ମନେ ଅଛି। କିନ୍ତୁ ଓଡ଼ିଶା ସରକାର ତାଙ୍କ ବିପକ୍ଷରେ ବିକ୍ଷୋଭକୁ ଚପାଇବା ପାଇଁ ଏପରି ନିଷ୍ପତ୍ତି ନେଉଛନ୍ତି। ଏହାକୁ ଆଇନରେ ବିଶ୍ୱାସ କରୁଥିବା ସରକାର ବୋଲି କୁହାଯାଇନପାରେ। ଯେତେବେଳେ ଯାହା ଚାହୁଁଛନ୍ତି ସେତେବେଳେ ତାହା କରୁଛନ୍ତି।

ରାଜ୍ୟ ରାଜନୀତିରେ କ'ଣ ଘଟୁଛି ତାହା ମୁଖ୍ୟମନ୍ତ୍ରୀ ଜାଣନ୍ତି ନାହିଁ। ରାଜନୀତିକ ନେତା ବି କେହି ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦିଅନ୍ତି ନାହିଁ। ପ୍ରଶାସନିକ ବାବୁ ମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ନେତାଙ୍କୁ ଯେଉଁ ପରାମର୍ଶ ଦିଅନ୍ତି ସେହି ଅନୁସାରେ ସରକାର ଚାଲେ। ଏପରି ଏକ ଅବସ୍ଥାରେ ଛାତ୍ରଛାତ୍ରୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ଲଗାଇବାକୁ ମଧ୍ୟ ପୁଲିସ ଭୁଲେ ନାହିଁ। ଏହାକୁ ପ୍ରତିବାଦର ସ୍ୱର ବୋଲି ଗ୍ରହଣ କରିବାକୁ ହେବ। ସବୁ ବେଳେ ଗଣତନ୍ତ୍ରରେ ପ୍ରତିବାଦ ପାଇଁ ଜାଗା ରହିଛି। ଯେଉଁଠାରେ ସେ ସ୍ଥାନ ନମିଳିବ ତାହାକୁ ଗଣତନ୍ତ୍ର ବୋଲି କହିବା ଅନୁଚିତ। ଅଣ୍ଡାମାରିବା ବା କଳାପତାକା ପ୍ରଦର୍ଶନ କରିବା ସବୁ କିଛି ପ୍ରତିବାଦର ଅଂଶବିଶେଷ। ସ୍ୱାଧୀନତା ପରଠାରୁ ଏମିତି ଅନେକ ମାମଲା ହୋଇଛି। ତାହାକୁ ସରକାର ପ୍ରତିବାଦ ଭାବେ ଗ୍ରହଣ କରିଛନ୍ତି। କିନ୍ତୁ ଏଠାରେ ତାହାକୁ ହିଂସାରୂପ ଦିଆଯାଉଛି। ଏହା ସରକାରଙ୍କ ଦମନ ଲୀଳା ବୋଲି ବୁଝିବାକୁ ହେବ। ଆଇନ ଆଖିରେ ସମସ୍ତେ ସମାନ ହେବା ସରକାର। ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀ, ନେତା ବା ସାଂସଦ ଅଥବା ସାଧାରଣ ଲୋକଙ୍କ ଭିତରେ କୌଣସି ପ୍ରଭେଦ ଆମ ସମ୍ବିଧାନ ରଖେନାହିଁ।

## ହିଂସା କେବେ ପ୍ରତିବାଦର ନୁହେଁ



**ସମୀର ଦାଶ**
ବିଧାୟକ, ବିଜେଡି

ସ୍ଥାନ, କାଳ ଓ ଉଦ୍ଦେଶ୍ୟ ଭିତ୍ତିରେ ମାମଲାକୁ ଦେଖାଯାଇଥାଏ। ଆଇନ ଆଖିରେ ସମସ୍ତେ ସମାନ। ଏ ଦୃଷ୍ଟିରୁ ବିଚାର କଲେ କାହାକୁ କେବେ ରାଜ୍ୟ ସରକାର ଅଲଗା କରି ଦେଖୁ ନାହାନ୍ତି। ସେଥିପାଇଁ ସବୁ ଅଣ୍ଡାମାଡ଼ ଘଟଣାକୁ ସମାନ ଭାବେ ବିବେଚନା କରାଯାଉଛି। କିନ୍ତୁ ଏହି ନିର୍ଦ୍ଦିଷ୍ଟ ଘଟଣାରେ ମୁଖ୍ୟମନ୍ତ୍ରୀ ଚାହିଁଲେ ଯେ, ମାମଲା ପ୍ରତ୍ୟାହାର ହେଉ। ଏଣୁ ଏଥିପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଅନ୍ୟ ମାମଲାଗୁଡ଼ିକୁ ଏହାସହ ତୁଳନା କରିବା ଅନୁଚିତ। ସେଠାରେ ସମାନ ଧାରା ଲାଗୁ ରହିଛି। ତାହାର ବିଚାର ମଧ୍ୟ ଠିକଣା ଭାବେ ପରିଚାଳନା କରାଯାଉଛି।

ଅଣ୍ଡାମାଡ଼କୁ କେବେ ବି ଏକ ପ୍ରତିବାଦ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଏହା ଭିନ୍ନମତ ପୋଷଣର ଧାରା ନୁହେଁ। ଏହା ଏକ ହିଂସା ମାଧ୍ୟମ। ଆଉ ହିଂସା କେବେ ପ୍ରତିବାଦ ନୁହେଁ। ହିଂସା ବ୍ୟାପିଲେ ସାଧାରଣ ଲୋକ କ୍ଷତିଗ୍ରସ୍ତ ହୋଇପାରନ୍ତି। ଏଣୁ ଏହା ପ୍ରତିବାଦ କେମିତି ହେବ ? ଏଣୁ ଯେଉଁମାନେ ପ୍ରତିବାଦ ନାଁରେ ହିଂସାତ୍ମକ ପନ୍ଥା ଆପଣାଉଛନ୍ତି ତାହାଙ୍କ ବିରୋଧରେ ରାଜ୍ୟ ସରକାର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଏହା ଉଚିତ ମଧ୍ୟ। ହେଲେ ମାମଲାଠୁ ମାମଲା ଭିନ୍ନ ହେବାର କାରଣ ହେଉଛି ସେଥିରେ ଥିବା ଅନ୍ତର୍ନିହିତ ଉଦ୍ଦେଶ୍ୟ। ପୂର୍ବରୁ ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଅଣ୍ଡା ମାଡ଼ କରିଥିଲେ ସେମାନଙ୍କ ଉପରେ ମାମଲା ବିଚାର ଚାଲିଛି। ନିର୍ଦ୍ଦିଷ୍ଟ ଘଟଣାରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଘଟଣାକୁ ଅନୁଧ୍ୟାନ କରିଛନ୍ତି ଏବଂ ସମ୍ପୃକ୍ତ ମହିଳାଙ୍କ ଉପରେ ଲାଗିଥିବା ଅପରାଧିକ ଦଫାଗୁଡ଼ିକୁ ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଭବିଷ୍ୟତରେ ଅଣ୍ଡାମାଡ଼କୁ ବିବେଚନା କରାଯିବା ସହ ଏହାର କୌଣସି ସମ୍ପର୍କ ନାହିଁ। ଭବିଷ୍ୟତରେ ଏ ବାବଦରେ ପ୍ରଶାସନ ନିଷ୍ପତ୍ତି ନେବ। ଅନ୍ୟ ମାମଲାଗୁଡ଼ିକରେ ଯେମିତି ଲାଗିଛି ସେମିତି ଲାଗିବ। ଏକା ପ୍ରକାର ସମସ୍ତ ମାମଲାରେ ସରକାରଙ୍କ ଆଭିମୁଖ୍ୟ ଗୋଟିଏ ପ୍ରକାର ହୋଇ ରହିଛି। ତାହା ମଧ୍ୟ ଆବଶ୍ୟକ। ଉଦ୍ଦେଶ୍ୟ ଏବଂ ଘଟଣାକ୍ରମ ଭିନ୍ନ ଭିନ୍ନ ରହୁଛି। ଏଣୁ ତାହାକୁ ଭିନ୍ନ ଭିନ୍ନ ଉପାୟରେ ଗ୍ରହଣ କରାଯାଉଛି।

**ଆପଣ ଏ ପ୍ରସଙ୍ଗରେ ଇ-ମେଲ୍ nitidinedit@gmail.com ଜରିଆରେ ନିଜର ମତାମତ ଦେଇପାରିବେ।**

**ଉପସ୍ଥାପନା: ହରିହର ପଣ୍ଡା**

## ଟ୍ୱିଟ୍ @nitidintoday



ଆମେ ଯଦି ଏହି ରକ୍ତପାତକୁ ବନ୍ଦ କରିବାକୁ ଚାହୁଁଛୁ ତେବେ ପାକିସ୍ତାନ ସହ ଆଲୋଚନା ଜରୁରୀ। ମୁଁ ଜାଣୁଛି ଆଜି ରାତିରେ ମୋତେ ଜାତୀୟତା ବିରୋଧୀ ବୋଲି ନ୍ୟୁଜ୍ ଆଙ୍କରମାନେ ବର୍ଣ୍ଣନା କରିବେ; କିନ୍ତୁ ଏଥିରେ ଯାଏ ଆସେ ନାହିଁ। ଜମ୍ମୁ ଓ କଶ୍ମୀରର ଲୋକେ ଏଥିରେ କ୍ଷତିଗ୍ରସ୍ତ। ଯୁଦ୍ଧ ଏକ ବିକଳ୍ପ ନୁହେଁ।

**-ମେହବୁବା ମୁଫ୍ତି, ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀ**
@MehboobaMufti



ଜମ୍ମୁଠାରେ ଭାରତର ସେନା ଶିବିରରେ ପାକିସ୍ତାନ ଆତଙ୍କବାଦୀଙ୍କର ଭୀରୁ ଓ କାପୁରୁଷ କାଣ୍ଡକୁ ନିନ୍ଦା କରୁଛି। ଏହି ଦୁଃଖଦ ସମୟରେ ମୁଁ ଆକ୍ରମଣରେ ନିହତ ଓ ଆହତଙ୍କ ପରିବାର ସହ ରହିଛି।

**-ଅହମ୍ମଦ ପଟେଲ୍, କଂଗ୍ରେସ ନେତା**
@ahmedpatel



ପ୍ରଧାନମନ୍ତ୍ରୀଙ୍କ ପକୋଡ଼ା ମନ୍ତବ୍ୟକୁ ବ୍ୟଙ୍ଗ କରୁଥିବା ହେତୁ ଜଣେ ଜେଏନ୍‌ୟୁ ଛାତ୍ରଙ୍କ ଉପରେ ୨୦ ହଜାର ଟଙ୍କା ଜୋରିମାନା ଲଗାଯାଇଛି। ଏହା କ'ଣ ଗଣତନ୍ତ୍ର ନା ଆମେ ତାହାକୁ ବିଦାୟ ଦେଇ ସାରିଛୁ ?

**-ସକୀଲ ଅହମ୍ମଦ, କଂଗ୍ରେସ ନେତା**
@Ahmad_Shakeel



ଯଦି ଆର୍‌ଏସ୍‌ଏସ୍ ଭାରତର ପ୍ରତିରକ୍ଷା ବାବଦରେ ଏତେ ବ୍ୟଗ୍ର ତେବେ ଏହା କାହିଁକି ତା'ର କ୍ୟାଡରଙ୍କୁ କଶ୍ମୀରରେ ଆତଙ୍କବାଦୀଙ୍କ ସହ ଲଢ଼ିବା ପାଇଁ ପ୍ରେରଣ କରୁନାହିଁ ? ସେମାନଙ୍କୁ ଯିବାକୁ ଦିଅନ୍ତୁ ଆଉ ସେଠାରେ ଆମ ସୈନିକଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କ ସୁଯୋଗ ଦିଆଯାଉ।

**-ତଭ୍‌ଲୀନ ସିଂହ, ସାମ୍ବାଦିକ** @tavleen_singh



ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ବାବଦରେ ବାର୍ତ୍ତା ଦେଉଥିବା ଫିଲ୍ମ "ପ୍ୟାଡ୍‌ମ୍ୟାନ" ଉପରେ ପାକିସ୍ତାନ ସରକାର ରୋକ୍ ଲଗାଇଛନ୍ତି। କିନ୍ତୁ 'ପଦ୍ମାବତ୍' ଭଳି ଫିଲ୍ମକୁ ଅନୁମତି ଦେଲା ଯେଉଁଥିରେ ମୁସଲମାନ ଶାସକଙ୍କୁ ଜଣେ ନର ରାକ୍ଷସ ଭାବେ ବର୍ଣ୍ଣନା କରାଯାଇଛି। ଏହା ଆଶ୍ଚର୍ଯ୍ୟଜନକ।

**-ମିନ୍‌ହାଜ୍ ମର୍ଚ୍ଚାଣ୍ଟ, ସ୍ତମ୍ଭକାର** @MinhazMerchant



ପ୍ରଧାନମନ୍ତ୍ରୀ ମୋଦି କହୁଛନ୍ତି ସେ ପାକିସ୍ତାନକୁ ତା'ର ଭାଷାରେ ଜବାବ ଦେବେ। ଏବେ ପାକିସ୍ତାନ ଆମ ଯବାନଙ୍କୁ ପ୍ରତି ଦିନ ହତ୍ୟାକରୁଛି। କେତେବେଳେ ପ୍ରଧାନମନ୍ତ୍ରୀ ଉର୍ଦ୍ଦୁ ଶିଖିବେ ଆଉ ପାକିସ୍ତାନକୁ ଜବାବ ଦେବେ ?

**-କୈଳାସ ଆଚାର୍ଯ୍ୟ, କଂଗ୍ରେସ ନେତା**
@kailasacharya

## ଖୋଲାମଞ୍ଚ

### ରାଷ୍ଟ୍ରର ଦୋଷ ନା ବିଜେପୁର ଇମ୍ପାକ୍ଟ



**ଶକ୍ତିପଦ ନନ୍ଦ, ବରିଷ୍ଠ ନାଗରିକ, କଟକ**

ପୁଲିସ ହେପାଜତରେ ଜଣେ ଆସାମୀଙ୍କ ମୃତ୍ୟୁ ନିଶ୍ଚୟ ଏକ ଗଣତାନ୍ତ୍ରିକ ରାଷ୍ଟ୍ରପାଇଁ ବିପଜ୍ଜନକ। ପ୍ରକାରାନ୍ତେ ପ୍ରଶ୍ନ ଉଠେ ଯଦି ପୁଲିସ ପାଖରେ ଜୀବନ ସୁରକ୍ଷିତ ନୁହେଁ ତେବେ ଆଉ କେଉଁଠି ହେବ ? କିନ୍ତୁ ଏହି ହାଜତ ମୃତ୍ୟୁ ଓଡ଼ିଶାରେ କିଛି ନୂଆ କଥା ନୁହେଁ। ଗୋଟିଏ ଦୁଇଟି ଘଟଣାକୁ ଛାଡ଼ିଦେଲେ ଅନ୍ୟ ସବୁଥିରେ ଦୋଷ ବନ୍ଦୀ ଉପରେ ହିଁ ଲଗାଯାଇଛି। ଏପରି କୌଣସି ବନ୍ଦୀ ମୃତକ ପରିବାରକୁ କ୍ଷତିପୂରଣ ମିଳି ନାହିଁ, ଯେମିତି ଏବେ ଘଟିଲା। ହାଜତରେ ମୃତ୍ୟୁ ଅଭିଯୋଗ ଓ ଉତ୍ତେଜନାର ଠିକ୍ ପରଦିନ ମୁଖ୍ୟମନ୍ତ୍ରୀ ସ୍ୱତଃ ସମ୍ପୃକ୍ତ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି। କିନ୍ତୁ ସରକାରୀ ତହବିଲରୁ ଏବେ କାହିଁକି ଏତେ ତରବରରେ ବ୍ୟବହାର କରାଗଲା ? ଏହା ପ୍ରକୃତରେ ମୁଖ୍ୟମନ୍ତ୍ରୀଙ୍କ ମାନବିକତା ନା ବିଜେପୁର ନିର୍ବାଚନ ଘୋଷଣାର ପ୍ରକୋପ ? ସାହି ଗଳିରେ ଏହି କ୍ଷତିପୂରଣ ଘୋଷଣାକୁ 'ବିଜେପୁର ଇମ୍ପାକ୍ଟ' ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ମହୋଦୟ ଏ ବାବଦରେ କିଛି ସ୍ପଷ୍ଟୀକରଣ ରଖିବେ କି ? ଯଦି ତାହା ନୁହେଁ ତେବେ ଦୟାକରି ଏହା ଘୋଷଣା କରିବେ କି ଏଣିକି ଯେତେ ଲୋକ ପୁଲିସ ହାଜତରେ ମୃତ୍ୟୁ ଭୋଗିବେ ତାଙ୍କ ପରିବାରକୁ ୫ ଲକ୍ଷ ମିଳିବ। ତାହା ହେଲେ ପୁଲିସ ଆଉ ଅଭିଯୁକ୍ତ ଆଉ ଡରିବେନି।




ଗୋଆରେ ମୋରାଲ୍ ବ୍ରିଗେଡ୍'କୁ ଲକ୍ଷ୍ୟକରି ସନ୍ଦୀପ ଅଧ୍ୱାରୁଙ୍କ ବ୍ୟଙ୍ଗଚିତ୍ର। (ସୌ: ଟ୍ୱିଟର)

## ମୋ ମତରେ

### ନୂତନ ବିଭାଗର ନାଁରେ 'କଳା' ଶବ୍ଦଟି ଯୋଡ଼ାଯାଉ



**ଜୟସୂର୍ଯ୍ୟ କାନୁନ୍‌ଗୋ, ଭୁବନେଶ୍ୱର**

ଗତ ୮ ତାରିଖରେ ରାଜ୍ୟ ସରକାର ପର୍ଯ୍ୟଟନ ଓ ସଂସ୍କୃତି ବିଭାଗକୁ ଦୁଇଟି ପୃଥକ ବିଭାଗ କରିବା ନେଇ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବୋଲି ନୂତନ ବିଭାଗ କରିବାକୁ ସିଦ୍ଧାନ୍ତ ଗ୍ରହଣ କରିଛନ୍ତି। ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଅଧୀନରେ ମୁଖ୍ୟତଃ ୪ଟି ଏକାଡେମୀ ସାହିତ୍ୟ, ଲଳିତକଳା, ସଂଗୀତ ନାଟକ ଓ ଉର୍ଦ୍ଦୁ ଏକାଡେମୀ କାର୍ଯ୍ୟ କରୁଛନ୍ତି। ଏହାବାଦ୍ ଅନ୍ୟ କେତେକ ସଂସ୍ଥା ମଧ୍ୟ ଏହି ବିଭାଗ ଅଧୀନରେ ପରିଚାଳିତ। ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବୋଲି ଆମେ ସଦା ସର୍ବଦା ଗର୍ବ ଅନୁଭବ କରୁ। ଯା'ହେଉ ସରକାର ଆଜି ସ୍ୱତନ୍ତ୍ର ଭାବେ ସଂସ୍କୃତି ବିଭାଗ କରିଥିବାରୁ ତାହା ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏହା ଓଡ଼ିଶାର ନୃତ୍ୟ, ସଂଗୀତ, ନାଟକ, ଚାରୁକଳା ଓ କାରୁକଳା କ୍ଷେତ୍ରରେ ଯେଉଁ ଅଗଣିତ ଶିଳ୍ପୀମାନେ ନିଜକୁ ନିୟୋଜିତ କରି ଓଡ଼ିଶାର ନାଁକୁ ଆଜି ଦେଶ ବିଦେଶରେ ଓଡ଼ିଶା କଳାର ପ୍ରଚାର ଓ ପରିଚିତ କରାଇଛନ୍ତି ସେମାନଙ୍କ ମନରେ ଏକ ପ୍ରକାରର ଆଘାତ ଲାଗିଛି। ସଂସ୍କୃତି ବିଭାଗ ନାମ ପରିବର୍ତ୍ତନ କରି ରାଜ୍ୟ ସରକାର ଯେଉଁ ନୂତନ ବିଭାଗର ନାମ ରଖିଛନ୍ତି ସେଥିରେ ଯଦି କଳା ଶବ୍ଦଟିକୁ ରଖାଯାଇଥାଆନ୍ତା, ତା'ହେଲେ ରାଜ୍ୟର ଶିଳ୍ପୀମାନେ ଅଧିକ ଉତ୍ସାହିତ ହୋଇଥାଆନ୍ତେ। ହେଲେ ସେପରି ହୋଇନାହିଁ। ତେଣୁ ଏଥିପାଇଁ ରାଜ୍ୟ ସରକାର ପୁନର୍ବିଚାର କରିବେ ବୋଲି ଆଶା ଓ ବିଶ୍ୱାସ କରୁଛି।

## ଓପିନିଅନ୍ ପୋଲ୍

**ଆଜିର ପ୍ରଶ୍ନ**

**ମୁଖ୍ୟମନ୍ତ୍ରୀଙ୍କୁ ଅଣ୍ଡାମାଡ଼ ଅନ୍ୟମାନଙ୍କୁ ଅଣ୍ଡାମାଡ଼ ଭିତରେ କିଛି ଫରକ୍ ରହିଛି କି ?**

ଯଦି ଆପଣଙ୍କ ଉତ୍ତର ହଁ ତେବେ ଆମକୁ **Y**, ଯଦି ନା ତେବେ **N** ଲେଖି +91 7504762295ରେ ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ।

**ଗତ ଥରର ପ୍ରଶ୍ନ:**

*ଥାନା ହାଜତରେ ଅଭିଯୁକ୍ତର ମୃତ୍ୟୁ ଲାଗି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହେବା ଉଚିତ କି ?*

(ଉତ୍ତର)




**ସୋଶାଲ୍ ମିଡିଆରେ 'ନିତିଦିନ'**
**SMS and Whatsapp No.: 7504762295**
**Twitter @nitidintoday**
**facebook.com/nitidintoday**
**email: nitidinedit@gmail.com**

## ସୋଶାଲ୍ ମିଡିଆରୁ

### ବିଜେପି ପାଇଁ ବୁମେରାଂ ହୋଇପାରେ



କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବଙ୍କ ଘର ମଧ୍ୟକୁ ବିଜେପି କର୍ମୀ ଧସେଇ ପଶିବା ସହ ଗୋବର ମାଡ଼ କରିଥିଲେ। ଏହାକୁ ନେଇ ଯେତିକି ତମ୍ବିତୋଫାନ ଚାଲିଛି, ବୋଧେ ଓଡ଼ିଶାର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏତେ ପ୍ରତିକ୍ରିୟାଶୀଳ ରାଜନୀତି ଦେଖିବାକୁ ମିଳି ନଥିଲା। ଏହି ଗୋବର ମାଡ଼ ଘଟଣାକୁ ଅଧିକାଂଶ ଲୋକ ବିଶେଷ କରି ପ୍ରଫେସର, ବୁଦ୍ଧିଜୀବୀ, ସାମାଜସେବୀ ଓ ରାଜନୀତିକ ଦଳର ନେତାମନେ ନିନ୍ଦା କରିଛନ୍ତି। ଅଫିସର ସଂଘ ମଧ୍ୟ ଏହାକୁ ସମାଲୋଚନା କରିଛି। କେବଳ ବିଜେପି ଏହାକୁ ନିନ୍ଦା କରି ନାହିଁ। ଏପରି ଆକ୍ରମଣ ଦ୍ୱାରା କିଛି ଲାଭ ମିଳିବ ନାହିଁ। କିନ୍ତୁ ବିଜେପିର ପ୍ରଭୂତ କ୍ଷତି ଘଟିବ। ଲୋକମାନେ ଏହାକୁ ଗ୍ରହଣ କରିବେ ନାହିଁ। ସାମାନ୍ୟ ଜଣେ କିରାଣିଙ୍କୁ ଆକ୍ରମଣ କରି ବିଜେପି କ'ଣ ପ୍ରମାଣିତ କରିବାକୁ ଚାହୁଁଥିଲା, ତାହା ଏବେ ବି ଅବୁଝା ହୋଇ ରହିଛି। ତେଣୁ ବିଜେପି ପାଇଁ ଏଭଳି ଆକ୍ରମଣ ବୁମେରାଂ ସାବ୍ୟସ୍ତ ହୋଇପାରିବ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇବାରେ ଲାଗିଛି।

**କେ ସୁଧାକର ପଟ୍ଟନାୟକ,** ସାମାଜିକ କର୍ମୀ

### ଦେଶର ପ୍ରକୃତ ଶତ୍ରୁ କିଏ



ଦେଶର ପ୍ରକୃତ ଶତ୍ରୁ କିଏ ? ଦେଶର ଲୋକ ଓ ପୁଞ୍ଜିପତିମାନେ ନା ପଡ଼ୋଶୀ ଦେଶ ? ଦେଶର ପ୍ରକୃତ ଶତ୍ରୁ ହେଉଛନ୍ତି ସେଇମାନେ ଯେଉଁମାନେ ନିଜର ସ୍ୱାର୍ଥ ପାଇଁ ଭାରତକୁ ଭାଗଭାଗ କରିବାକୁ ଚେଷ୍ଟା କରୁଛନ୍ତି। କେବଳ ୫ ପ୍ରତିଶତ ପୁଞ୍ଜିପତିଙ୍କ ଫାଇଦା ପାଇଁ ଯେଉଁମାନେ ୯୫ ପ୍ରତିଶତ ଭାରତୀୟଙ୍କ ରକ୍ତକୁ ଶୋଷଣ କରୁଛନ୍ତି, ସେଇମାନେ ହିଁ ଭାରତର ଶତ୍ରୁ। କିଛି ପୁଞ୍ଜିପତି ଗଣତନ୍ତ୍ରର ୪ର୍ଥ ସ୍ତମ୍ଭଭାବେ ପରିଚିତ ଗଣମାଧ୍ୟମକୁ ନିଜ କବଜାରେ ରଖିବାକୁ ଚେଷ୍ଟା କରୁଛନ୍ତି। ତେଣୁ ଆମକୁ ସତ୍ୟ କ'ଣ ସେକଥା ଜାଣିବାକୁ ପଡ଼ିବ। ମିଡିଆ କଥାରେ ମଧ୍ୟ ବେଳେବେଳେ ବିଶ୍ୱାସ କରାଯାଇ ନପାରେ। ଆମେ ନିଜେ ହିଁ ସତ୍ୟର ଅନୁସନ୍ଧାନ କରିବା ଦରକାର। ଏଥିପାଇଁ ଅନେକ କିଛି ପଢ଼ିବାକୁ ପଡ଼ିବ। ପ୍ରକୃତ ପକ୍ଷେ ଦେଶରେ କ'ଣ ଘଟୁଛି, ତା'ର ଅନୁଶୀଳନ କରିବାକୁ ପଡ଼ିବ। ନହେଲେ କିଛି ହେବ ନାହିଁ। ଅନ୍ୟ କଥାରେ ବିଶ୍ୱାସ କରିବା ପରିବର୍ତ୍ତେ ପ୍ରଥମେ ପ୍ରକୃତରେ କେଉଁଟା ଠିକ୍ ସେକଥାକୁ ନିଜେ ବିଚାର କରିବା ଦରକାର।

**ସଞ୍ଜୟ କୁମାର,** ପ୍ରଫେସନାଲ୍

### ପୂର୍ବରୁ କୁଆଡ଼େ ଯାଇଥିଲେ



ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ଯିଏ ଜଣେ ସାଧାରଣ ଦରମା ନେଉଥିବା ସରକାରୀ କର୍ମଚାରୀ। ତାଙ୍କ ଘର ଉପରେ ଗୋବର ମାଡ଼ ଓ ହୋହଲ୍ଲା କରିବା ଘଟଣାକୁ ଅନେକ ଲୋକ ନିନ୍ଦା କରୁଛନ୍ତି। ସୋଶାଲ୍ ମିଡିଆରେ ଉକ୍ତ ଅଧିକାରୀଙ୍କ ପ୍ରଶଂସା ମଧ୍ୟ କରୁଛନ୍ତି। ହେଲେ ଏବେ ଯେଉଁମାନେ ମୁହଁ ଖୋଲୁଛନ୍ତି, ସେମାନେ କୁନ୍ଦୁଲି ଗଣଦୁଷ୍କର୍ମ, ଥାନା ହାଜତରେ ଜଣେ ଯୁବକଙ୍କୁ ପୁଲିସ୍ ପିଟିପିଟି ମାରିଦେବା ଭଳି ଆହୁରି ଗୁରୁତର ପ୍ରସଙ୍ଗରେ କାହିଁକି ଚୁପ୍ ଥିଲେ ? ଏବେ ଫେସବୁକ୍‌ରେ ଜଣେ ବ୍ୟକ୍ତି ଭିଡିଓ ବାର୍ତ୍ତା ଜରିଆରେ ଗୋବର ମାଡ଼ ଘଟଣାକୁ ନିନ୍ଦା କରିଛନ୍ତି। ହେଲେ ସେହି ଭାଇ ଜଣଙ୍କ ଅନ୍ୟ ଘଟଣା ବେଳେ କୁଆଡ଼େ ଯାଇଥିଲେ। ପାଣ୍ଡିଆନଙ୍କ ପାଇଁ ଏତେ ଓକିଲାତି କରୁଥିବା ଭାଇ ଜଣଙ୍କ ବୋଧେ ବିଧାୟକ ଟିକେଟ୍ ପାଇଁ ଲବି କରୁଛନ୍ତି। କୁନ୍ଦୁଲି ପୀଡ଼ିତା ଯଦି ନିଜ ଭଉଣୀ ହୋଇଥାଆନ୍ତା କିମ୍ବା ଅଇଁଠାପାଲି ଥାନାରେ ମୃତ୍ୟୁର ଶିକାର ହୋଇଥିବା ଯୁବକଙ୍କ ଜଣଙ୍କ ନିଜ ଭାଇ ହେଇଥାଆନ୍ତା, ସେ କ'ଣ ସେ ପ୍ରସଙ୍ଗ ଛାଡ଼ି ପାଣ୍ଡିଆନ୍‌ଙ୍କ ଓକିଲାତି କରିଥାଆନ୍ତେ।

**ଦୀପକ କୁମାର ପତି,** ରାଉରକେଲା

### ବହୁତ ହେଇଗଲା, ଏବେ ପାଲଟା ହମ୍‌ଲା



ପାକିସ୍ତାନ ବାରମ୍ବାର ଆମ ଦେଶ ଭାରତର ଧୈର୍ଯ୍ୟ ପରୀକ୍ଷା କରିବା ଭଳି ମନେ ହେଉଛି। ଶନିବାର ଜମ୍ମୁ-କଶ୍ମୀର ସ୍ଥିତ ସୁଞ୍ଜୱାନ୍ ସେନା କ୍ୟାମ୍ପରେ ହମ୍‌ଲା କରିବାକୁ ଆତଙ୍କବାଦୀଙ୍କୁ ପଠାଇଥିବା ପାକିସ୍ତାନ ସୋମବାର ଶ୍ରୀନଗରରେ ଥିବା ସିଆର୍‌ପିଏଫ୍ କ୍ୟାମ୍ପରେ ଆତଙ୍କବାଦୀଙ୍କୁ ଆକ୍ରମଣ କରିବାକୁ ପଠାଇଥିଲା। ସୌଭାଗ୍ୟବଶତଃ ଆତଙ୍କବାଦୀମାନେ ସେମାନଙ୍କ ଯୋଜନାକୁ ସଫଳ କରିପାରିନାହାନ୍ତି। ହେଲେ କେତେଦିନ ଏମିତି ଚାଲିଥିବ। ଗୋଟିଏ ପଟେ ଅସ୍ତ୍ରବିରତି ଓ ଅନ୍ୟପଟେ ଆତଙ୍କବାଦୀ ହମ୍‌ଲା କରି ପାକିସ୍ତାନ ସବୁ ସୀମା ପାର କରି ସାରିଲାଣି। ତେଣୁ ଭାରତ ସରକାର ଆଉ ଏହାକୁ ସହ୍ୟ କରନ୍ତୁ ନାହିଁ। ଉଭୟ ଆତଙ୍କବାଦୀ ଓ ସେମାନଙ୍କ ପାକିସ୍ତାନୀ ସେନାର ଆକ୍କାମାନଙ୍କୁ ଉଚିତ୍ ଜବାବ୍ ଦେବାକୁ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ତା'ହେଲେ ପାକିସ୍ତାନର ଔଦ୍ଧତ୍ୟାମି ବଢ଼ି ଚାଲିଥିବ। ପାକିସ୍ତାନକୁ ତା'ର କୁପରିଣାମ ଭୋଗିବାକୁ ପଡ଼ିବ ବୋଲି ସରକାର ଥରେ ପଣ କରିବା ଦରକାର।

**ଶୁଭକାନ୍ତ ନାୟକ,** ପୁରୀ